# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**13 August– 2026**

# କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୬ଟି ବିଭାଗର ୧୦ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ନିଷ୍ପତ୍ତି ଅନୁସାରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ପରିବାର ସଦସ୍ୟଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ନିୟମକୁ ସରଳ କରାଯାଇଛି । ଓଡ଼ିଶା ସିଭିଲ ସର୍ଭିସେସ୍ (ପୁର୍ନବାସ ସହାୟତା) ନିୟମାବଳୀ ୨୦୨୬କୁ ଅନୁମୋଦନ କରାଯାଇଛି ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ।

**V/O**

ଅସହାୟ ଶିଶୁମାନଙ୍କ ପାଇଁ ଯଶୋଦା ଓ ଆଶୀର୍ବାଦ ଯୋଜନା ସହ ମାଳତୀଦେବୀ ପ୍ରାକ୍ ବିଦ୍ୟାଳୟ ଯୋଜନାର ଅବଧିକୁ ଆଉ ୫ ବର୍ଷ ପାଇଁ ବୃଦ୍ଧି କରାଯାଇଛି । ରାଜ୍ୟରେ ଅଧିକ ପୁଞ୍ଜିନିବେଶ ପାଇଁ ଓଡ଼ିଶା ସେମିକଣ୍ଡକ୍ଟର ନୀତିରେ ତୃତୀୟ ସଂଶୋଧନକୁ ମଞ୍ଜୁର କରାଯାଇଛି । ରାଜ୍ୟରେ ଅକ୍ଷୟ ଶକ୍ତି ଉତ୍ପାଦନ ଓ ଏହାର ବ୍ୟବହାରକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ପମ୍ପଡ ଷ୍ଟୋରେଜ ପ୍ରକଳ୍ପ ନୀତି ଏବଂ ପିଏସ୍‌ପି ନୀତିର ପରିଚାଳନା ନିର୍ଦ୍ଦେଶାବଳୀରେ ସଂଶୋଧନକୁ ଅନୁମତି ମିଳିଛି । ଜଳାଶୟ ଓ କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପର ଉନ୍ନତିକରଣ ପର୍ଯ୍ୟାୟ-୩କୁ

କ୍ୟାବିନେଟ୍ ଅନୁମତି ଦେବାସହ ଏଥିପାଇଁ ୩୮୯ କୋଟି ଟଙ୍କା ମଞ୍ଜୁର କରାଯାଇଛି ।

# ପୁରୀ ଗୋବର୍ଦ୍ଧନ ପୀଠ - ବୈଠକ

ପୁରୀ ଗୋବର୍ଦ୍ଧନ ପୀଠର ସାମଗ୍ରିକ ବିକାଶ, ସୁରକ୍ଷା ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଯାଇଛି । ବୈଠକରେ ମୁଖ୍ୟମନ୍ତ୍ରୀ ପୀଠ ସମ୍ପତ୍ତିର ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ । ଏହାସହ ପୁରୀ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ପ୍ରତିଦିନ ହେଉଥିବା ସନ୍ଧ୍ୟା ମହୋଦଧି ଆଳତୀକୁ ଭବ୍ୟ କରିବା ତଥା ଆଳତୀସ୍ଥଳର ସୌନ୍ଦର୍ଯ୍ୟକଣ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ।

# ଅଶ୍ୱିନୀ ବୈଷ୍ଣବ-ସହାୟତା

ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଏବଂ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟର ଉନ୍ନତି ପାଇଁ ସାଂସଦ ଅଶ୍ୱିନୀ ବୈଷ୍ଣବ ୩ କୋଟି ୧୦ଲକ୍ଷ ଟଙ୍କାର ସହାୟତା ସାଂସଦ ପାଣ୍ଠିରୁ ପ୍ରଦାନ କରିଛନ୍ତି । ଏଥିରେ ଭେଷଜ ବ୍ଲକ, ଔଷଧ ଭଣ୍ଡାର ଗୃହ, ମାତୃ ଓ ଶିଶୁ, ଆପତକାଳୀନ ବିଭାଗ ଆଦିର ବିକାଶ କରାଯିବ ।

# ଉଦ୍‌ଘାଟନ

ରାଜ୍ୟରେ ଆଜି ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ ହେବ । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଭୁବନେଶ୍ୱର କୃଷି ଭବନ ପ୍ରେକ୍ଷାଳୟଠାରେ ଉଦ୍ୟାନ କୃଷି ଅଧିକାରୀମାନଙ୍କ ଏକ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ।

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆଜି ଭୁବନେଶ୍ୱର ନାଗେଶ୍ୱରଟାଙ୍ଗିଠାରେ ୧୦୦ ଶଯ୍ୟା ବିଶିଷ୍ଟ ସରକାରୀ ଆର୍ଯ୍ୟୁବେଦିକ ଚିକିତ୍ସାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ଗୋଠପାଟଣା ପରିସରରେ ଥିବା ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ରାଜ୍ୟ ବିପର୍ଯ୍ୟୟ ପ୍ରତିରୋଧ ପ୍ରତିଷ୍ଠାନର ନୂତନ ଛାତ୍ରାବାସର ଉଦ୍‌ଘାଟନ କରିବା ସହ ପ୍ରସ୍ତାବିତ ଅନ୍ୟ ଦୁଇଟି ଛାତ୍ରାବାସ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

# ହର୍ ଘର ତିରଙ୍ଗା

ରାଜ୍ୟର ବିଭିନ୍ନ ସ୍ଥାନରେ ହରଘର ତିରଙ୍ଗା ଅଭିଯାନରେ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଯାଇଛି । କେନ୍ଦୁଝର ଜିଲ୍ଲାରେ ଅନୁଷ୍ଠିତ ସାଇକଲ ଶୋଭାଯାତ୍ରାରେ ନାଗରିକମାନେ ବହୁସଂଖ୍ୟାରେ ଯୋଗ ଦେଇଥିଲେ ।

କଟକରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା ।

ନୟାଗଡ ଜିଲ୍ଲା ଖଣ୍ଡପଡାଠାରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ ।

କନ୍ଧମାଳ ଜିଲ୍ଲାରେ ତ୍ୱରିତ ଏଡ୍ସ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଯାଇଛି ।

ନୂଆପଡାଠାରେ ଡିଜିଟାଲ ସୁରକ୍ଷା ଓ ଆର୍ଥିକ ସାକ୍ଷରତା ଉପରେ ମହିଳା ଓ କିଶୋରୀମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

## ବନକଲାଗି

ଶ୍ରାବଣମାସ ଶୁକ୍ଳପକ୍ଷ ପ୍ରତିପଦ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଏହି ଗୁପ୍ତ ନୀତି ପାଇଁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ।

## ଅଙ୍ଗଦାନ ଦିବସ

ଅଙ୍ଗଦାନର ମହତ୍ତ୍ୱ ସଂପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଅଙ୍ଗଦାନ ଦିବସ ପାଳନ କରାଯାଉଛି । ଅଙ୍ଗଦାନର ଆବଶ୍ୟକତା

ସଂପର୍କରେ ସମସ୍ତେ ଅବଗତ ହେବା ଜରୁରୀ । ଜଣେ ବ୍ୟକ୍ତି ନିଜର ହୃତ୍‌ପିଣ୍ଡ, ଆଖି, ବୃକକ୍, ଅଗ୍ନାଶୟ, ଫୁସ୍‌ଫୁସ୍ ଆଦି ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବାରେ ସକ୍ଷମ ହୋଇପାରିବେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଏହି ଅବସରରେ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗଦାନ ଦିବସ ସମାରୋହ ପାଳନ କରାଯିବ ।

# ପାଣିପାଗ

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି । ଆଜିସୁଦ୍ଧା ଏହା ଅଧିକ ଘନୀଭୂତ ହୋଇ ସୁଦୃଶ୍ୟ ଲଘୁଚାପରେ ପରିଣତ ହେବା ସହ ଅବପାତର ରୂପ ନେବାର ସମ୍ଭାବନା ରହିଛି । ଅଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାସହ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

# ପାରା ଅଶୀଚାଳନା-ସ୍ୱର୍ଣ୍ଣପଦକ

ନାଇଜେରିଆର ଲାଗୋସ୍‌ଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ପାରା ଅଶୀଚାଳନା ପ୍ରତିଯୋଗିତାରେ ମହିଳା ବିଭାଗର ଦୁଇଟି ବର୍ଗରେ ଓଡ଼ିଶାର ମାଳତୀ ପାନୌରେ ଦୁଇଟି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ପ୍ରଥମ ଓଡ଼ିଶା ମହିଳା ପାରା ଖେଳାଳି ଭାବେ ମାଳତୀ ଏହି ସଫଳତା ହାସଲ କରିଛନ୍ତି ।